ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Labour and ESI(OD)/ 342/22-05-2025**

# କର୍ମଚାରୀ ରାଜ୍ୟ ବୀମା ( ଇ .ଏସ. ଆଇ) ହସ୍ପିଟାଲ, ଭୁବନେଶ୍ୱରରେ ଉଚ୍ଚ ବିଶେଷଜ୍ଞ ବହିଃ ବିଭାଗ (ସୁପର ସ୍ପେଶାଲିଟି ଓପିଡ଼ି) ଚିକିତ୍ସାର ଶୁଭ ଉଦଘାଟନ

ଭୁବନେଶ୍ୱର, ୨୨ ମଇ ୨୦୨୫

କର୍ମଚାରୀ ରାଜ୍ୟ ବୀମା ଯୋଜନା ଏକ ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଯୋଜନା ଯେଉଁଥିରେ ସଂଗଠିତ କ୍ଷେତ୍ରରେ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଥାଏ | ବୀମାଭୁକ୍ତ କର୍ମଚାରୀ ତଥା ସେମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟମାନେ ମଧ ଏହି ବୀମା ସେବା ପାଇଥାନ୍ତି | ଏହି ଯୋଜନା ଓଡ଼ିଶାରେ ୧୯୭୦ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି | ବର୍ତ୍ତମାନ ଏହି ଯୋଜନାରେ ଓଡ଼ିଶାରେ ୪ ଗୋଟି ହସ୍ପିଟାଲ ଓ ୫୩ ଟି ଡିସପେନ୍ସରୀ ମାଧମରେ ପ୍ରାୟତଃ ୧୦ ଲକ୍ଷ ବୀମାଭୁକ୍ତ କର୍ମଚାରୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି | ଏତଦ୍ ବ୍ୟତୀତ ଆଉ ୫ ଟି ନୂତନ ଡାକ୍ତରଖାନା ଖୋଲାଯିବାର ପ୍ରସ୍ତାବ ରହିଛି| ହିତାଧିକାରୀମାନଙ୍କୁ ସମ୍ପୂର୍ଣ ଚିକିତ୍ସା ସେବା ଯୋଗାଇଦେବା କର୍ମଚାରୀ ରାଜ୍ୟ ବୀମା ଯୋଜନାର ମୂଳ ଲକ୍ଷ୍ୟ |

ସାଂପ୍ରତିକ ସ୍ଥିତି ଅନୁସାରେ କିଡନୀ, ହୃଦରୋଗ ଇତ୍ୟାଦି ବହୁମାତ୍ରାରେ ଦେଖାଯାଉଛି | ଏଥିନିମନ୍ତେ ହିତାଧିକାରୀମାନଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ୧୨ ଟି Secondary Care ଓ ୧୫ ଟି Tertiary Care ସହ ଚୁକ୍ତି କରାଯାଇଛି | ବୀମାଭୁକ୍ତ କର୍ମଚାରୀଙ୍କୁ ଅଧିକ ଚିକିତ୍ସା ସେବା ଯୋଗାଇବାପାଇଁ ପ୍ରତ୍ୟକ ଜିଲ୍ଲା ସ୍ତରରେ Secondary Care ସହ ଖୁବଶୀଘ୍ର ଚୁକ୍ତି କରାଯାଉଛି | ନିକଟରେ ପ୍ରଥମ କରି ଭୁବନେଶ୍ୱରରେ **କର୍ମଚାରୀ ରାଜ୍ୟ ବୀମା ( ଇ .ଏସ. ଆଇ) ହସ୍ପିଟାଲ**ରେ ଡ଼ାଏଲେସିସ ୟୁନିଟ (Dialysis Unit) ଖୋଲାଯାଇଛି |

ଏହି ବୀମାଭୁକ୍ତ କର୍ମଚାରୀମାନଙ୍କର ସୁବିଧାପାଇଁ **ଇ .ଏସ. ଆଇ ହସ୍ପିଟାଲ, ଭୁବନେଶ୍ୱରରେ** ଆଜି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉଚ୍ଚ ବିଶେଷଜ୍ଞ ବହିବିଭାଗ (Super Specialty OPD) ଚିକିତ୍ସାର ଶୁଭ ଉଦଘାଟନ କରିଛନ୍ତି | ଏହି ସେବା ହାଇ-ଟେକ ମେଡ଼ିକାଲ କଲେଜ ଓ ହସପିଟାଲ, ଭୁବନେଶ୍ୱରଙ୍କ ସହଭାଗିତାରେ କାର୍ଯ୍ୟକାରୀ ହେବ | ଏଥିରେ ଉଚ୍ଚ ବିଶେଷଜ୍ଞ ଚିକିତ୍ସା ଯଥା – ଇଉରୋଲୋଜି (Urology), କାର୍ଡିଓଲୋଜି (Cardiology), ଅଙ୍କୋଲୋଜି (Oncology), ନ୍ୟୁରୋସର୍ଜରୀ (Neurosurgery), ନେଫ୍ରୋଲୋଜି (Nephrology),ନିଉରୋଲୋଜି (Neurology)ଏବଂ ଏଣ୍ଡୋକ୍ରାଇନୋଲୋଜି (Endocrinology) ର ସୁବିଧା ରହିଛି।

ଏହି ସେବା ମଧ ବୀମାଭୁକ୍ତ କର୍ମଚାରୀ ତଥା ସେମାନଙ୍କ ପରିବାର ସଦସ୍ୟ ମାନଙ୍କ ନିମନ୍ତେ ବିନା ଦେୟରେ ଉପଲବ୍ଧ। ରାଜ୍ୟ ସରକାର ବୀମାଭୁକ୍ତ କର୍ମଚାରୀ ମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ବିନା ବାଧାରେ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ